# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 March - 2026

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ବଜେଟ ଅଧିବେଶନରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ

— ରାଜ୍ୟର ସମସ୍ତ ଗ୍ରାମକୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ; ଗୃହରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

- ରେଳ ସଂଯୋଗୀକରଣକୁ ଉନ୍ନତ ଓ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ୯ଟି ଷ୍ଟେସନ୍ ଦେଇ ଚାଲିବ ନୂତନ ଅମୃତ ଭାରତ ଟ୍ରେନ୍

- କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଆଜି ପାଳନ କରୁଛି ୫୭ତମ ପ୍ରତିଷ୍ଠା ଦିବସ

ଏବଂ

- ଚୈତ୍ରମାସର ପ୍ରଥମ ମଙ୍ଗଳବାରରେ କାକଟପୁରର ମା' ମଙ୍ଗଳା ଓ ଗଞ୍ଜାମ ଜିଲ୍ଲାର ତାରାତାରିଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନରେ ଆଜି ଗୃହକାର୍ଯ୍ୟ ସୁରୁଖୁରୁରେ ଜାରି ରହିଛି। ପ୍ରଶ୍ନକାଳ, ଶୂନ୍ୟକାଳ ପରେ ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇଛନ୍ତି। ପ୍ରଶ୍ନକାଳ ସମାପ୍ତ ପରେ ଉଭୟ ଦଳର ସଦସ୍ୟମାନେ ଶୂନ୍ୟକାଳରେ ରାଜ୍ୟ ସ୍ୱାର୍ଥସମ୍ବଳିତ ଏକାଧିକ ପ୍ରସଙ୍ଗ ଗୃହରେ ଉପସ୍ଥାପନ କରିଥିଲେ। ସଦସ୍ୟ ସାରଦା ପ୍ରସନ୍ନ ଜେନା ରାଜ୍ୟର ସମସ୍ତ ବୟସ୍କ ବ୍ୟକ୍ତିଙ୍କ ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଟିଜିଟି ବର୍ଗରେ ୨ ହଜାର ୭୯୮ ଶିକ୍ଷକ ପଦବୀ ତୁରନ୍ତ ପୂରଣ ପାଇଁ ଦାବି କରିଥିଲେ। କଂଗ୍ରେସ୍ ସଦସ୍ୟ ସୋଫିଆ ଫିର୍ଦ୍ଦୌସ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଗୃହରେ ଦାବି କରିଥିଲେ। ଶାସକ ଦଳ ସଦସ୍ୟ ଜଲେନ ନାୟକ, ପଶ୍ଚିମବଙ୍ଗ ସରକାରଙ୍କ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅସମ୍ମାନ ପ୍ରସଙ୍ଗକୁ ନେଇ ଗୃହରେ କ୍ଷୋଭ ପ୍ରକାଶ କରିଥିଲେ। ଏହା ପରେ କଂଗ୍ରେସ ପକ୍ଷରୁ ଟାଟା ପାୱାର ଦ୍ୱାରା ସ୍ଥାପନ ହୋଇଥିବା ସ୍ମାର୍ଟ ମିଟର ଓ ଅଘୋଷିତ ବିଜୁଳି କାଟକୁ ନେଇ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା।

## ବିଧାନସଭା-ପାନୀୟ ଜଳ

ରାଜ୍ୟର ସମସ୍ତ ଗ୍ରାମକୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ବିଧାନସଭାରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଏହି ଅବଧି ମଧ୍ୟରେ ସମସ୍ତ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ। ଗତ ୨୦୧୯ ମସିହା ଅଗଷ୍ଟ ମାସ ସୁଦ୍ଧା ରାଜ୍ୟରେ ମାତ୍ର ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଚଳିତମାସ ୫ ତାରିଖ ସୁଦ୍ଧା ୬୮ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯାଇସାରିଲାଣି। ବର୍ତ୍ତମାନ ସୁଦ୍ଧା ୨୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବହେଳା ଦୃଷ୍ଟିଗୋଚର ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ଅଂଚଳରେ ପିଇବା ପାଣି ସମସ୍ୟା ରହିଛି, ସେଠାରେ ନଳକୂପ ଖନନ, ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଲତବୀ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳ ସଦସ୍ୟ ପବିତ୍ର ସାଉଁତା, ଡକ୍ଟର ସି.ଏସ୍ ରାଜନ୍ ଏକ୍କା, ଗଣେଶ୍ୱର ବେହେରା, ରମେଶ ଚନ୍ଦ୍ର ବେହେରା ଓ ଶାସକ ଦଳ ପକ୍ଷରୁ ପ୍ରତାପ ଚନ୍ଦ୍ର ନାୟକ, ପ୍ରକାଶ ସେଠୀ, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ। ଆଲୋଚନା ଶେଷରେ

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ଉତ୍ତର ରଖି କହିଥିଲେ, ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲିଂ ପ୍ରକ୍ରିୟା ତ୍ରୁଟିଶୂନ୍ୟ ହେବା ସହିତ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି। ରାଜ୍ୟରେ ପ୍ରାଇମେରୀ ସବ୍‌ଷ୍ଟେସନ୍ ସଂଖ୍ୟା ୧ ହଜାର ୧୭ରୁ ବୃଦ୍ଧି ପାଇଁ ୧ ହଜାର ୧୯୫ରେ ପହଞ୍ଚିଛି। ଗତ ୫ ବର୍ଷ ମଧ୍ୟରେ ବିତରକ କମ୍ପାନୀର ପ୍ରଦର୍ଶନ ସନ୍ତୋଷଜନକ ରହିଛି ବୋଲି ମନ୍ତ୍ରୀ କହିଥିଲେ।

ମନ୍ତ୍ରୀଙ୍କ ଉତ୍ତର ପରିପ୍ରେକ୍ଷୀରେ ବାଚସ୍ପତି ସୁରମା ପାଢ଼ୀ ଆଗତ ମୁଲତବୀ ପ୍ରସ୍ତାବକୁ ଖାରଜ କରିବା ସହିତ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ବିଧାନସଭା-ଶ୍ରମିକ

ରାଜ୍ୟ ସରକାର ଗତ ଦୁଇବର୍ଷ ମଧ୍ୟରେ ୧୫୮ ଜଣ ଶ୍ରମିକଙ୍କୁ ବିଦେଶରୁ ଫେରାଇ ଆଣିଛନ୍ତି ବୋଲି ଏକ ପ୍ରଶ୍ନର ଉତ୍ତରରେ ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଆଜି ବିଧାନସଭାରେ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୨୪ ମସିହାରେ ୧୩୩ ଜଣଙ୍କୁ ରାଜ୍ୟକୁ ଫେରାଇ ଅଣାଯାଇଥିବାବେଳେ ୨୦୨୫ ମସିହାରେ ୨୫ ଜଣକୁ ଫେରାଇ ଅଣାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଦୁବାଇ ଯାଇଥିବା ୨୮ ଜଣ ଶ୍ରମିକଙ୍କୁ ସରକାର ଓଡ଼ିଶାକୁ ଫେରାଇ ଆଣିଛନ୍ତି। ସେହିପରି ଗତ ୩ ବର୍ଷରେ ୩ ହଜାର ୭୭୨ ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରୁ ଉଦ୍ଧାର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଉଠାଦୋକାନୀ ସ୍ଥାନାନ୍ତର

ପୁରୀ ବଡ଼ଦାଣ୍ଡରୁ ୧ ହଜାର ୨୦୦ ଉଠାଦୋକାନୀଙ୍କୁ ଶ୍ରୀସେତୁ ପାଖକୁ ସ୍ଥାନାନ୍ତର କରାଯାଇଛି। ସେଥିମଧ୍ୟରେ ୯୩୩ ଜଣ ଦୋକାନୀ ସେଠାକୁ ଯାଇଛନ୍ତି ବୋଲି ଏକ ପ୍ରଶ୍ନର ଉତ୍ତରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ବିଧାନସଭାରେ କହିଛନ୍ତି। ଆଗାମୀ ଦିନରେ ପୁରୀରେ ଦୁଇଟି ମାର୍କେଟ କଂପ୍ଲେକ୍ସ ଓ ଦୁଇଟି ଭେଣ୍ଡିଂ ଜୋନ୍ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ବିଧାନସଭା-କୁମ୍ଭୀର

ରାଜ୍ୟରେ ବର୍ତ୍ତମାନ ୨ ହଜାର ୧୯୩ଟି କୁମ୍ଭୀର ଅଛନ୍ତି, ଯାହା ଗତବର୍ଷ ତୁଳନାରେ ୪ ଦଶମିକ ୫/୪ ପ୍ରତିଶତ ଅଧିକ ବୋଲି ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ଏକ ଲିଖିତ ଉତ୍ତରରେ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ସାତକୋଶିଆ ଓ ଟିକରପଡାଠାରେ ୬୫ଟି କୁମ୍ଭୀର ଓ ୨୨ଟି କୁମ୍ଭୀର ଶାବକ ଅଛନ୍ତି। ଚଳିତବର୍ଷ ରାଜ୍ୟର ବିଭିନ୍ନ ସ୍ଥାନକୁ ୨୪ ଲକ୍ଷ ୯୦ ହଜାର ୯୬୮ଟି ପକ୍ଷୀଙ୍କ ଆଗମନ ହୋଇଛି। କୌଣସି ବିରଳ ପ୍ରଜାତିର ନୂଆ ପକ୍ଷୀ ଏ ବର୍ଷ ଚିହ୍ନଟ ହୋଇନାହାନ୍ତି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

## ଅମୃତ ଭାରତ ଟ୍ରେନ୍

ରାଜ୍ୟରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ଉତ୍ତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନୁମୋଦନ କରିଛନ୍ତି। ପତ୍ର ମାଧ୍ୟମରେ ଶ୍ରୀ

ବୈଷ୍ଣବ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଇଛନ୍ତି। କୋଏମ୍ବାଟୁରର ପୋତ୍ତନୁର୍ ଷ୍ଟେସନଠାରୁ ଧାନବାଦ ମଧ୍ୟଦେଇ ଅମୃତ ଭାରତ ଟ୍ରେନ୍ ଓଡ଼ିଶାର ୯ଟି ଷ୍ଟେସନ ଦେଇ ଚାଲିବ। ଓଡ଼ିଶା, ତାମିଲନାଡୁ ଏବଂ ଝାଡଖଣ୍ଡ ମଧ୍ୟରେ ରେଳସଂଯୋଗୀକରଣ ପରେ ଯୋଗାଯୋଗ ଆହୁରି ସୁଦୃଢ଼ ହେବ। ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗିର, ବରଗଡ଼ ରୋଡ, ସମ୍ବଲପୁର, ଝାରସୁଗୁଡ଼ା ଓ ରାଉରକେଲା ଦେଇ ଏହି ଟ୍ରେନ ଚଳାଚଳ କରିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଓଡ଼ିଶାରେ ରେଳ ସଂଯୋଗୀକରଣକୁ ପ୍ରୋତ୍ସାହନ ଦେଉଥିବାରୁ ଧନ୍ୟବାଦ ଜଣାଇଛନ୍ତି।

## ସିଆଇଏସ୍ଏଫ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ-ସିଆଇଏସ୍ଏଫ୍ ଆଜି ତାର ୫୭ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ସିଆଇଏସ୍ଏଫ୍ ଯବାନଙ୍କ ସାହସ, ସେବା ଓ ଅତୁଟ ପ୍ରତିବଦ୍ଧତାକୁ ଦେଶବାସୀ କୃତଜ୍ଞତା ଜଣାଉଛନ୍ତି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ.....

ସି.ଆଇ.ଏସ୍.ଏଫ୍.ର କ୍ଷମତା ଓ ସାମର୍ଥ୍ୟକୁ ବହୁଗୁଣିତ କରିବାପାଇଁ ବିଗତ ବର୍ଷରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ସମୟରେ ସି.ଆଇ.ଏସ୍.ଏଫ୍. ୨ ଲକ୍ଷ କର୍ମଚାରୀଙ୍କ ସହିତ ୨୫ଟି ରାଜ୍ୟ ଓ ୫ଟି କେନ୍ଦ୍ରଶାସିତ ଅଞ୍ଚଳରେ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନକୁ ସୁରକ୍ଷା ପ୍ରଦାନ କରୁଛି । ସେଥିମଧ୍ୟରେ ୭୧ଟି ବିମାନ ବନ୍ଦର, ଦିଲ୍ଲୀ

ମେଟ୍ରୋ, ୧୦ଟି ରାସାୟନିକ ଏବଂ ଫର୍ଟିଲାଇଜର ସଂସ୍ଥା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ବୋଲି ସିଆଇଏସ୍ଏଫ୍ ମହାନିର୍ଦ୍ଦେଶକ ପ୍ରବୀର ରଞ୍ଜନ କହିଛନ୍ତି।

**V/O (Praveer Ranjan)**

ସି.ଆଇ.ଏସ୍.ଏଫ୍.ରେ ସର୍ବାଧିକ ସଂଖ୍ୟକ ମହିଳା କର୍ମଚାରୀ ରହିଛନ୍ତି, ଯାହା ବର୍ତ୍ତମାନ ବାହିନୀର ସର୍ବମୋଟ ସଂଖ୍ୟା ବଳର ୮ ପ୍ରତିଶତରୁ ଅଧିକ । ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଓ ଦିଲ୍ଲୀରେ ପାରିବାରିକ ପରାମର୍ଶ କେନ୍ଦ୍ର ସ୍ଥାପନ କରାଯାଇଛି । ସି.ଆଇ.ଏସ୍.ଏଫ୍. ପକ୍ଷରୁ ୫ ଲକ୍ଷ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷା କ୍ଷେତ୍ରରେ ନୂତନ ମାଇଲ୍‌ଖୁଣ୍ଟ ସ୍ଥାପନ କରାଯାଇଛି । ବନ୍ଦେ ମାତରମ୍, କୋଷ୍ଟାଲ୍ ସାଇକ୍ଲୋଥୋନ୍-୨୦୨୬ର ଦ୍ୱିତୀୟ ସଂସ୍କରଣ ସି.ଆଇ.ଏସ୍.ଏଫ୍. ପକ୍ଷରୁ ଆରମ୍ଭ ହୋଇଥିଲା । 'ସୁରକ୍ଷିତ ତଟ, ସମୃଦ୍ଧ ଭାରତ'ର ବାର୍ତ୍ତା ନେଇ ୧୩୦ ଜଣ ସି.ଆଇ.ଏସ୍.ଏଫ୍. କର୍ମଚାରୀ ୬ ହଜାର ୫୫୩ କିଲୋମିଟର ଯାତ୍ରା କରିଥିଲେ, ଯାହା ପ୍ରାୟ ୩୦ ଲକ୍ଷ ନାଗରିକଙ୍କ ସହ ପରସ୍ପର ସଂଯୋଗ ସୃଷ୍ଟି କରିଛି ।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ** ସିଆଇଏସ୍ଏଫ୍‌ର ପ୍ରତିଷ୍ଠା ଦିବସରେ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ସିଆଇଏସ୍ଏଫ୍ ତା'ର ଦୃଢ଼ ସଂକଳ୍ପ, ଶୃଙ୍ଖଳା ଓ ସମର୍ପଣ ପାଇଁ ପରିଚିତ। ଯବାନ୍‌ମାନେ ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନ ଓ ସମ୍ପତ୍ତିର ସୁରକ୍ଷାରେ ମୁଖ୍ୟ ଭୂମିକା ନିଭାଉଛନ୍ତି।

**ରାଜ୍ୟପାଳ** ହରିବାବୁ କମ୍ଭମ୍ପାଟି ଶୁଭେଚ୍ଛା ଜଣାଇ କହିଛନ୍ତି, ଉତ୍କୃଷ୍ଟ ଶୃଙ୍ଖଳା ଓ ପ୍ରତିବଦ୍ଧତା ସହିତ ସିଆଇଏସ୍ଏଫ୍ ଦେଶର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବଳ ଭାବେ କାର୍ଯ୍ୟ କରି ସାଧାରଣ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ସୁରକ୍ଷା ଦେବାରେ ସିଆଇଏସ୍ଏଫ୍ ଯବାନଙ୍କ ସମର୍ପଣ, ପ୍ରତିବଦ୍ଧତା ସର୍ବଦା ସ୍ୱାଗତଯୋଗ୍ୟ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

# ଚୈତ୍ରପର୍ବ

ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଚୈତ୍ରମାସର ପ୍ରଥମ ମଙ୍ଗଳବାରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେଉଛି। ପୁରୀ ଜିଲ୍ଲାର କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରଥମ ପାଳି ଯାତ୍ରାରେ ନେତ୍ରଉତ୍ସବ ସହିତ ଘଣ୍ଟପାଟୁଆଙ୍କ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି।

**ଗଞ୍ଜାମ** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଆଜିଠାରୁ ଚୈତ୍ରପର୍ବ ଆରମ୍ଭ ହୋଇଛି। ଆଜି ପ୍ରଥମ ମଙ୍ଗଳବାରରେ ମା' ମହାକାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ରାତି ୨ଟାରେ ଦୁଆରଫିଟା ନୀତି ପରେ ମଇଲମ ଲାଗି, ଅବକାଶ, ମଙ୍ଗଳଆଳତୀ, ଶୃଙ୍ଗାର ନୀତି କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରୁଛନ୍ତି। ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା

କରାଯାଇଛି ବୋଲି ଉପଜିଲ୍ଲାପାଳ ଶିବାଶୀଷ ବରାଳ କହିଛନ୍ତି... -

# V/O -

ଆଇନ୍ ଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ନିୟନ୍ତ୍ରଣକୁ ସୁବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ପୁଲିସ୍ ମୁତୟନ ହୋଇଛନ୍ତି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କହିଛନ୍ତି ।

## ଗ୍ରୀଷ୍ମ ବୈଠକ

**ନବରଙ୍ଗପୁର** ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମପ୍ରବାହ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ମୁକାବିଲା ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଂଶୁଘାତର ମୁକାବିଲା, ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ଏବଂ ବିଦ୍ୟାଳୟମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ଓଆରଏସ୍ ପ୍ୟାକେଟ ମହଜୁଦ ରଖିବା, ଅଚଳ ନଳକୂପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ନେଇ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।